# ଓଡ଼ିଶାରେ ପହଞ୍ଚିଲା ରେମ୍‌ଡିସିଭିର

**ଭୁବନେଶ୍ୱର,୨୯।୬/ ଏନ୍‌ଏନ୍‌ଏସ୍:**

କରୋନା ରୋଗୀଙ୍କ ପାଇଁ ଓଡ଼ିଶାକୁ ଆସିଲା ରେମ୍‌ଡିସିଭିର ଔଷଧ। ଏହି ଔଷଧ କେବଳ ସରକାରୀ ହସ୍ପିଟାଲରେ ଉପଲବ୍ଧ ରହିବ। ଏହି ଔଷଧକୁ ହସ୍ପିଟାଲରେ କେବଳ ଗୁରୁତର କରୋନା ରୋଗୀଙ୍କ କ୍ଷେତ୍ରରେ ପ୍ରୟୋଗ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। କରୋନା ମହାମାରୀକୁ ନିୟନ୍ତ୍ରଣ କରିପାରୁଥିବା ଏହି ଔଷଧକୁ ଡ୍ରଗ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ସର୍ତ୍ତମୂଳକ ଭାବେ ବ୍ୟବହାର କରିବା ଲାଗି ଅନୁମତି ଦେଇଛନ୍ତି। ହାଇଦ୍ରାବାଦସ୍ଥିତ ହେଟେରୋ ହେଲ୍‌ଥ କେୟାର ଲିମିଟେଡ୍ ଏହି ଔଷଧ ଓଡ଼ିଶାକୁ ପଠାଇଛି। ପଞ୍ଜିକୃତ ଡାକ୍ତରୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ କରୋନା ରୋଗୀଙ୍କ କ୍ଷେତ୍ରରେ ବ୍ୟବହାର କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ରେମ୍‌ଡିସିଭିର ଔଷଧ କୌଣସି ମେଡିସିନ୍ ଦୋକାନରେ ମିଳିବ ନାହିଁ। କେବଳ ହସ୍ପିଟାଲ ଓ ସରକାରୀସ୍ତରରେ ଉପଲବ୍ଧ ହେବ। ଗର୍ଭବତୀ, ଲିଭର ଓ କିଡ୍‌ନୀଫେଲ ରୋଗୀ, ସ୍ତନ୍ୟପାନ କରାଉଥିବା ମହିଳା ଓ ୧୨ ବର୍ଷରୁ କମ୍




ପିଲାଙ୍କୁ ଏହି ଔଷଧ ଦିଆଯିବ ନାହିଁ। ଓଡ଼ିଶାକୁ ରେମ୍‌ଡେସିଭିର ଔଷଧ ବ୍ୟତୀତ ଫାବି ଫ୍ଲୁ ଓ ଡେକ୍ସାମେଥାସୋନ୍ ଭଳି ଔଷଧ ମଧ୍ୟ ଆସିଛି। ଆଜି ଓଡ଼ିଶାରେ ଫାବି ଫ୍ଲୁ ଔଷଧର ୧୨ଶହ ଷ୍ଟ୍ରିପ ପହଞ୍ଚିବ ବୋଲି ଡ୍ରଗ କଣ୍ଟ୍ରୋଲର ମାମିନା ପଟ୍ଟନାୟକ କହିଛନ୍ତି। ରୋଗୀଙ୍କ ମତାମତ ନେଇ ସାମାନ୍ୟରୁ ମଧ୍ୟମ ଧରଣର ଲକ୍ଷଣ ଥିବା ରୋଗୀଙ୍କୁ ଏହି ଔଷଧ ଦିଆଯିବ। ସେହିପରି ରେମଡେସିଭିର ଔଷଧ ମଧ୍ୟମରୁ ଅଧିକ ଲକ୍ଷଣ ଥିବା ରୋଗୀଙ୍କୁ ଦିଆଯିବ। ତେବେ ଡେକ୍ସାମେଥାସୋନ ରାଜ୍ୟରେ ପ୍ରଚୁର ପରିମାଣରେ ମହଜୁଦ ରହିଛି । ୨ଲକ୍ଷ ଟାବଲେଟ୍ ଓ ୨ଲକ୍ଷ ଇଞ୍ଜେକସନ ମଧ୍ୟ ଅଛି।

ମିଳିଥିବା ସୂଚନା ଅନୁଯାୟୀ କୋଭିଡ୍ ଚିକିତ୍ସା ପାଇଁ ଗିଲିଡ୍ ସାଇନ୍ସେସ ପ୍ରସ୍ତୁତ କରିଥିବା ଔଷଧ ରେମ୍‌ଡେସିଭିର ବେଶ ଉପାଦେୟ ହୋଇଛି। ରେମଡେସିଭିରର କ୍ଲିନିକାଲ ପରୀକ୍ଷଣ ପରେ ଜଣାପଡିଛି ଯେ ଆକ୍ରାନ୍ତଙ୍କୁ ସଂକ୍ରମଣରୁ ମୁକ୍ତ କରିବାର ସମୟ ସୀମା ପ୍ରାୟ ୫ଦିନ କମିଯାଇଛି । ଅନ୍ୟ ଚିକିତ୍ସାରେ ୧୫ଦିନରେ ରୋଗୀ ଭୂତାଣୁମୁକ୍ତ ହେଉଥିବା ବେଳେ ରେମଡେସିଭିର ନେଇଥିବା ଆକ୍ରାନ୍ତ ହାରାହାରି ୧୧ଦିନରେ ସୁସ୍ଥ ହେଉଥିବା ଦେଖିବାକୁ ମିଳିଛି। ସେହିପରି ବିଶେଷକରି ▶▶ ୭

ନିତିଦିନ NITIDIN Tue, Jun 30, 2020
http://odishanewsnitidin.com